# ଋତୁରାଜଙ୍କ ସନ୍ଦେଶ

ଶୀତ ପରେ ବସନ୍ତର ଆଗମନକୁ ଆମେ ସମସ୍ତେ ଆଗ୍ରହର ସହ ଅପେକ୍ଷା କରିଥାଉ। ବସନ୍ତ ଆସିଲେ ତନ ଓ ମନ ପୁଲକିତ ହୁଏ। ଆମେ ସମସ୍ତେ ଆହ୍ଲାଦିତ ଅନୁଭବ କରୁ। ତେଣୁ ଏହାକୁ ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ବା ଋତୁରାଜ କୁହାଯାଏ। ଏ ବର୍ଷ କିନ୍ତୁ ଶୀତ ନ ସରୁଣୁ ଋତୁରାଜଙ୍କ ଓଡ଼ିଶା ଆଗମନ ଆମ ସମସ୍ତଙ୍କ ମନରେ ଆନନ୍ଦ ଓ ଉଲ୍ଲାସ ଭରି ଦେଇଛି। ଜାତୀୟ ଟେଲିଭିଜନ ଚାନେଲ୍‌ର 'ର' ଷ୍ଟାର୍ ପ୍ରତିଯୋଗିତାରେ ଋତୁରାଜ ମହାନ୍ତିଙ୍କର ବିପୁଳ ବିଜୟ ଆମ ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ସନ୍ଦେଶ ନେଇ ଆସିଛି।

ଋତୁରାଜ ଆମ ଓଡ଼ିଶାର ଭିନ୍ନ ଏକ ସଫଳ କାହାଣୀର ନାୟକ। ଗରିବ ଓଡ଼ିଶାର ଅବିକଳ ଛବି ପରି ନିମାପଡ଼ା ଅଞ୍ଚଳର ଏକ ଅଖ୍ୟାତ ଗାଁ ବେଲପଡ଼ାର ଏକ ଗରିବ ପରିବାରରେ ତାଙ୍କର ଜନ୍ମ। ବାପା ଚକ୍ରଧର ମହାନ୍ତି ଓ ମା' ପ୍ରଭାତୀ ମହାନ୍ତି। ଓଡ଼ିଶାର ଅନ୍ୟ ୭୦ ଭାଗ ଲୋକଙ୍କ ପରି ଚାଷ ତାଙ୍କର ପେସା କିନ୍ତୁ ଚାଷ ଉପରେ ସେ ଆଉ ଭରସା କରି ପାରୁନାହାନ୍ତି। ପେସାରେ ଚାଷୀ ହେଲେ ବି ସଙ୍ଗୀତ ତାଙ୍କର ନିଶା। ତବଲା ବାଦନ ନ କଲେ ସେ ରହିପାରନ୍ତିନି।

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ପିତାଙ୍କ ପରି ଋତୁରାଜ ମଧ୍ୟ ପିଲାଦିନୁ ସଙ୍ଗୀତ ପ୍ରତି ଆକୃଷ୍ଟ ଥିଲେ। ସଙ୍ଗୀତ ସାଧନା ତାଙ୍କୁ ଏପରି ପାଗଳ କରିଥିଲା ଯେ ସେ ତିନି ଥର ପରୀକ୍ଷା ଦେଇ ମଧ୍ୟ ମାଟ୍ରିକ୍ ପାସ୍ କରିପାରିଲେ ନାହିଁ। ଶେଷରେ ସଂସ୍କୃତ ଟୋଲ୍ ସ୍କୁଲରୁ ଯେଣୁ ତେଣୁ ମାଟ୍ରିକ୍ ପାସ୍ କଲେ। ତା'ପରେ ସଙ୍ଗୀତ ନାଟକ ମହାବିଦ୍ୟାଳୟରେ ନାମ ଲେଖାଇ ସଙ୍ଗୀତ ଶିକ୍ଷା ପାଇଁ ଚେଷ୍ଟା କଲେ। ଅର୍ଥାଭାବରୁ ତାଙ୍କ ପାଠପଢ଼ା ଅଧାରୁ ବନ୍ଦ ହେଲା। ଫେରିଆସି ସେ ଗୋଟିଏ ମେଲୋଡ଼ି ପାର୍ଟିରେ ଯୋଗ ଦେଲେ। କଲିକତାରେ ଆୟୋଜିତ ଏକ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇ ଅସଫଳ ହେଲେ। ତାଙ୍କର ଦୃଢ଼ ମନୋବଳ ଏବଂ ପ୍ରବଳ ଇଚ୍ଛାଶକ୍ତି କିନ୍ତୁ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ପରିବାରର ଲୋକେ ମଧ୍ୟ ଦାରିଦ୍ର୍ୟ ସତ୍ତ୍ୱେ ତାଙ୍କୁ ଉତ୍ସାହିତ କରିବାରେ କୌଣସି ଅବହେଳା କରିନାହାନ୍ତି। ପିତାଙ୍କ ପରି ମା' ମଧ୍ୟ କାନଫୁଲ ବିକି ଦୁଇ ହଜାର ଟଙ୍କା ଦେଇ ମୁମ୍ବାଇ ଯିବାପାଇଁ ଉତ୍ସାହିତ କରିଥିଲେ। ମୁମ୍ବାଇ ମହାନଗରୀ କେତେ ଯେ ଯୁବକ ଯୁବତୀଙ୍କୁ ଏପରି ପାଗଳ କରିଛି ତା'ର ହିସାବ ନାହିଁ। ଖ୍ୟାତି ଓ ପ୍ରସିଦ୍ଧି ପାଇଁ ପାଗଳ ଅନେକ ଘର ଛାଡ଼ି ମୁମ୍ବାଇ ଚାଲି ଯାଇଥିବାର କାହାଣୀ ଆମେ ଶୁଣିଛୁ। ସେମାନେ କିନ୍ତୁ କିଏ କୁଆଡ଼େ ହଜି ଯାଇଛନ୍ତି ତାହାର ଖବର କେହି ରଖିନାହାନ୍ତି। ତେବେ ପ୍ରବଳ ଇଚ୍ଛାଶକ୍ତି ଥିଲେ ସଫଳତା ଯେ ଦିନେ ତୁମ ପାଦ ଛୁଇଁବ ଋତୁରାଜ ତାହାର ସଦ୍ୟତମ ପ୍ରମାଣ।

ପିତାମାତାଙ୍କ ଆଶୀର୍ବାଦ ବିନା ପିଲାମାନଙ୍କୁ କୌଣସି ସଫଳତା ମିଳେ ନାହିଁ। ମା' କାନଫୁଲ ବିକି ଉତ୍ସାହିତ କରି ନ ଥିଲେ ଋତୁରାଜଙ୍କ କାହାଣୀ ହୁଏତ ଭିନ୍ନ ମୋଡ଼ ନେଇ ଥାଆନ୍ତା। ଆଜିକାଲିର ଅନେକ ମାତା ପିତା ପିଲାଙ୍କ ପ୍ରବୃତ୍ତି ବିପରୀତ ବୃତ୍ତି ପାଇଁ ସେମାନଙ୍କୁ ବାଧ୍ୟ କରୁଛନ୍ତି। ସେମାନେ ହୁଏତ ଚାକିରି ପାଉଛନ୍ତି। ଋତୁରାଜଙ୍କ ପରି କିନ୍ତୁ ଉତ୍କର୍ଷର ଉପାସକ ହୋଇ ପାରୁନାହାନ୍ତି। ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ମେଳ କରିବାର ଦାୟିତ୍ୱ ବାପା ମା'ଙ୍କର। ଋତୁରାଜଙ୍କ ପିତା ଉଚ୍ଚଶିକ୍ଷିତ ନୁହନ୍ତି କି ଆର୍ଥିକ ଦୃଷ୍ଟିରୁ ସେପରି ସମ୍ପନ୍ନ ନୁହନ୍ତି। ନିଜେ ଜଣେ ସଙ୍ଗୀତ ପ୍ରେମୀ ହୋଇଥିବାରୁ ବୋଧହୁଏ ପୁଅର ପ୍ରବୃତ୍ତିକୁ ସମ୍ମାନ ଜଣାଇବାକୁ ପଛାଇଲେ ନାହିଁ। ଆଜିକାଲିର ସଦା ମହତ୍ତ୍ୱାକାଂକ୍ଷୀ, ଉଚ୍ଚଶିକ୍ଷିତ ଓ ସଫଳତା କାଙ୍ଗାଳ ବାପା ମା'ମାନଙ୍କୁ ଋତୁରାଜଙ୍କ କାହାଣୀରୁ ଅନେକ କଥା ଶିଖିବାର ଅଛି।

ଗତକାଲି ପର୍ଯ୍ୟନ୍ତ ଋତୁରାଜଙ୍କୁ କେହି ଜାଣି ନ ଥିଲେ କି ଜାଣିବାକୁ ଚେଷ୍ଟା କରି ନ ଥିଲେ। 'ସଫଳତାର ଅନେକ ପିତା ବିଫଳତା କିନ୍ତୁ ଅନାଥ' ଭଳି ଋତୁରାଜଙ୍କ ସଫଳତାକୁ ବାଣ୍ଟିବା ପାଇଁ ଆଜି ପ୍ରତିଯୋଗିତା ଚାଲିଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ନିମାପଡ଼ା ବିଧାୟକଙ୍କ ପର୍ଯ୍ୟନ୍ତ ଋତୁରାଜଙ୍କ ଶ୍ରେୟରୁ କାଣିଚାଏ ବି କେହି ହାତଛଡ଼ା କରିବାକୁ ପ୍ରସ୍ତୁତ ନୁହନ୍ତି। ଏବେ କାଲେ ନିମାପଡ଼ାବାସୀ ଋତୁରାଜଙ୍କୁ ନାଗରିକ ସମ୍ବର୍ଦ୍ଧନା ଦେବେ ବୋଲି ବିଧାୟକ ମହୋଦୟ ଘୋଷଣା କରିଛନ୍ତି। କିନ୍ତୁ ଅଧାରୁ ପାଠପଢ଼ା ଛାଡ଼ିବା ବେଳେ ବା ମା' କାନଫୁଲ ବିକିବା ବେଳେ ସେ କେଉଁଠି ଥିଲେ ? ଓଡ଼ିଆ ନିଶ୍ଚିତ ଭାବେ ଏକ ଅଦ୍ଭୁତ ଜାତି। ଆମେ ସଫଳତାର ସବୁ ଶ୍ରେୟ ନେବାକୁ ଭୁଲୁ ନ ଥିବା ବେଳେ ବିଫଳତା ପାଇଁ ଅନ୍ୟ ଉପରେ ଦୋଷ ଲଦି ଦେଉ। ଅବଶ୍ୟ ଋତୁରାଜଙ୍କ ସଫଳତା ପଛରେ ଆମ ଓଡ଼ିଆ ମାନଙ୍କର କିଛିଟା ଯୋଗଦାନ ଅଛି। ଏସ୍‌ଏମ୍‌ଏସ୍ ଯୁଗରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ନ ଥିଲେ ଋତୁରାଜଙ୍କ ବିଜୟ ସମ୍ଭବ ହୋଇ ନ ଥାଆନ୍ତା। ତେବେ ଋତୁରାଜଙ୍କୁ ଭୋଟ ଦେଇ ଅଦ୍ଭୁତ ଜାତି ପ୍ରୀତିର ପରିଚୟ ଦେଇଥିବା ଓଡ଼ିଆମାନେ ଅନ୍ୟ ପ୍ରସଙ୍ଗ ବେଳକୁ କୁଆଡ଼େ ଯାଉଛନ୍ତି ? ଆମ ମୁଖ୍ୟମନ୍ତ୍ରୀ ୧୪ ବର୍ଷ ଧରି ଆମ ଭାଷାଟିକୁ ଠିକ୍ ଭାବରେ ଶିଖିଲେ ନାହିଁ ବରଂ ବାରମ୍ବାର ସଭା ସମିତିରେ ଏହାକୁ ବିକୃତ କରି କହି ଚାଲିଛନ୍ତି। ଭାଷା ଆମର ଅସମ୍ମାନିତ ହେଉଛି ଆମେ କିନ୍ତୁ ଆମୋଦିତ ହେଉଛୁ। ମୁଖ୍ୟମନ୍ତ୍ରୀଙ୍କୁ ବା ଆମେ କାହିଁକି ଦୋଷ ଦେବା। ପ୍ରତିଥର ତ ଏପରି ଆମୋଦର କାରଣ ହୋଇଥିବାରୁ ଅଧିକରୁ ଅଧିକ ଭୋଟ ଦେଇ ତାଙ୍କୁ ଆମେ ଜୟଯୁକ୍ତ କରାଉଛୁ। ଭାଷା ଅବହେଳାର ଚରମ ନିଦର୍ଶନ ବୋଧହୁଏ ଗତକାଲି ବିଧାନସଭାରେ ଦେଖିବାକୁ ମିଳିଲା। ମାନ୍ୟବର ବିଜେଡି ବିଧାୟକମାନେ ଓଡ଼ିଆରେ ବିଧେୟକ ଆସିବାର ବିଧାନ ଥିବା ସତ୍ତ୍ୱେ କେବଳ ଇଂରାଜୀରେ ଚଳେଇ ନେବା ପାଇଁ ତାଙ୍କର ସଂଖ୍ୟା ବଳରେ ବାଧ୍ୟ କଲେ। ଋତୁରାଜଙ୍କ ବିଜୟ ପାଇଁ ଓଡ଼ିଆମାନେ ଯେପରି ଏକାଠି ହୋଇ ପାରୁଛନ୍ତି ଓଡ଼ିଶାର ଦାରିଦ୍ର୍ୟ ବିରୋଧୀ ସଂଗ୍ରାମରେ ଏପରି ଏକତା ବା ସଂଖ୍ୟା ଗରିଷ୍ଠତାର ପ୍ରମାଣ କାହିଁକି ଦେଖିବାକୁ ମିଳୁନାହିଁ ? ସାରା ଓଡ଼ିଶାରେ ହରିଲୁଟ ଚାଲିଥିବା ବେଳେ ଆମେ ସବୁ ନିରବ କାହିଁକି?